# Akashvani, Sambalpur

## SAMBALPURI NEWS BULLETIN

### 14 March 2024- 6.47- 6.52 am.

*********************************************

ପ୍ରଧାନମନ୍ତ୍ରୀ କିସାନ୍ ସମ୍ମାନନିଧି ଯୋଜନା

ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସରକାରଙ୍କର୍ ପ୍ରଧାନମନ୍ତ୍ରୀ କିସାନ୍ ସମ୍ମାନନିଧି ଯୋଜନାଥି ଏବ୍‌ତକ୍ ୧୧ କୋଟିନୁ ଅଏତ୍‌କା ଚାଷୀଙ୍କର୍ ବେଙ୍କ ଖାତାକେ ତିନ୍ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଦିଆୟାଇଛେ । ଇ ଯୋଜନାଥି ଚାଷୀ ପରିବାରକେ ଫି’ ବଛର୍ ତିନ୍‌ଟା କିସ୍ତିଥି ୬ ହଜାର ଟଙ୍କା ଦିଆୟାଉଛେ । ଇଟା ପୁର୍‌ଥିର ସବୁଠାନୁ ବଡ଼ ଡିବିଟି ଯୋଜନା ବଲି କୁହାୟାଉଛେ । ଇ ଯୋଜନା ଜରିଏ ୮୫ ପ୍ରତିଶତ ନୁ ଅଏତ୍‌କା ଛୋଟ୍ ଆର ନାମମାତ୍ର ଚାଷୀ ଲାଭ୍ ପାଉଛନ୍ । ସେନ୍‌ତା ୩ କୋଟିନୁ ଅଏତ୍‌କା ମହିଲା ହିତାଧିକାରୀ ଇ ଯୋଜନାଥି ସାମିଲ୍ ହେଇଛନ୍ । ହିତାଧିକାରୀଙ୍କର ସମସ୍ୟା ଦୂର କର୍‌ବାର ଲାଗି ସରକାରଙ୍କର ତର୍‌ଫୁ ଗୁଟେ ନିଃଶୁଳ୍କ ସାହାୟ୍ ନମ୍ବର୍ ୧୮୦୦୧୧୫୫୨୬୬ ଜାରି କରାୟାଇଛେ । ଇ ଯୋଜନାଥି ସାମିଲ୍ ହେବାର୍ ଲାଗି ଯୋଗ୍ୟ ଚାଷୀମାନେ

ପିଏମ୍ କିସାନ୍ ପୋର୍ଟାଲଥି ଅନ୍‌ଲାଇନ୍ ଦରଖାସ୍ତ ଆବେଦନ କରି ପାର୍‌ବେ । ଇ ପଂଜୀକରଣ ସୁବିଧା ଦେଶର୍ ୪ ଲାଖ୍‌ନୁ ଅଏତ୍‌କା ଜନସେବା କେନ୍ଦ୍ର ନ ମିଲୁଛେ ।

ଉତରାଖଣ୍ଡ/ ୟୁସିସି ପ୍ରେସ୍ ରିଲିଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତରାଖଣ୍ଡ ସରକାରଙ୍କର୍ ଏକକ ନାଗରିକ ସଂହିତା - ୟୁସିସି ବାବ୍‌ଦ ବିଧେୟକକେ ଗଲା କାଏଲ୍ ଅନୁମୋଦନ କରିଛନ୍ । ଗଲା ଫେବୃୟାରୀ ୭ ତାରିଖ ନ ଉତରାଖଣ୍ଡ ବିଧାନସଭାଥି ଇ ବିଧେୟକ ଗୃହୀତ ହେଇଥିଲା । ଏତ୍‌କେ ବିବାହ, ଛାଡ଼ପତ୍ର, ଉତରାଧିକାର, ଜମିବାଡ଼ି ବାଗିର୍ ବିବାଦ୍ କ୍ଷେତ୍ର ନ ସବୁ ସମ୍ପ୍ରଦାୟ ଲାଗି ଗୁଟେ ପ୍ରକାରର୍ ଆଇନ୍ ଲାଗୁ ହେବା । ଇନ ଜନେଇ ଦିଆଯାଇ ପାରେ ଯେ, ଦେଶର୍ ପହେଲା ରାଜ୍ୟ ଭାବେ ଉତରାଖଣ୍ଡ ନ ଏକକ ନାଗରିକ ସଂହିତା - ୟୁସିସି ଲାଗୁ ହେଇଛେ ।

ବିଜେପି ଦୁଇ ନମ୍ବର ଖେପ୍ ପ୍ରାର୍ଥୀ ତାଲିକା

ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତୀୟ ଜନତା ପାର୍ଟି ଆଏବା ସାଧାରଣ ନିର୍ବାଚନ ଲାଗି ଦୁଇ ନମ୍ବର ଖେପ୍ ପ୍ରାର୍ଥୀ ତାଲିକା ଜାରି କରିଛେ । ଇ ତାଲିକାଥି ଲୋକ୍‌ସଭା ଆସନ୍ ଲାଗି ୭୨ ଝନ୍‌କର୍ ନାଁ ରହିଛେ । ତାଲିକା ଅନ୍‌ସାରେ କେନ୍ଦ୍ର ସୂଚନା ଆର୍ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ହିମାଚଳ ପ୍ରଦେଶର ହମିରପୁର ଲୋକସଭା ଆସନ୍‌ନୁ ଲଢ଼୍‌ବେ । ସେନ୍‌ତା କେନ୍ଦ୍ର ରାଜପଥ ମନ୍ତ୍ରୀ ନିତୀନ ଗଡ଼କରୀ ନାଗପୁର ଲୋକସଭା ଆସନ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋୟଲ ମୁମ୍ବାଇ-ଉତର ଲୋକସଭା ଆସନନୁ ଲଢ଼୍‌ବେ ବଲି ସୂଚନା ମିଲିଛେ ।

## ଜୟପୁର ସମନ୍ୱିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଉଦ୍‌ଘାଟନ

ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଏଜେ କ୍ରୀଡ଼ାଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ୧୨ଟା ଜିଲ୍ଲା ନ ୨୬ଟା ବହୁମୁଖୀ ଇନ୍‌ଡ଼ୋର ଷ୍ଟେଡ଼ିୟମ୍ ଆଉ ଜୟପୁର ଠାନେ ସମନ୍ୱିତ ସ୍ପୋର୍ଟସ୍ କମ୍ପ୍ଲେକ୍ସକେ ଉଦ୍‌ଘାଟନ କରିଛନ୍ । ଜୟପୁର ସମନ୍ୱିତ ସ୍ପୋର୍ଟସ୍ କମ୍ପ୍ଲେକ୍ସନ ପ୍ରାକୃତିକ ଫୁଟବଲ ପଡ଼ିଆ, ସିନ୍‌ଥେଟିକ୍ ଆଥଲେଟିକ୍ ଟ୍ରାକ୍, ଜିମ୍‌ନାଷ୍ଟିକ ସେଂଟର, ସୁଇମିଂ ପୁଲ, ବାସ୍କେଟବଲ ଆଉ

ଅପନ୍ ଟେନିସ୍ କୋର୍ଟ ଆର୍ ଦର୍ଶକ ଗେଲେରୀର ବ୍ୟବସ୍ଥା କରାଯାଇଛେ ।

ମୁଖ୍ୟମନ୍ତ୍ରୀ/ ନୂଆଁ ଥାନା, ଫାଣ୍ଡି/ ଉଦ୍‌ଘାଟନ

ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଲା କାଏଲ୍ ରାଏଜେ ୨୯ଟା ନୂଆଁ ଥାନା, ଫାଣ୍ଡି ଆଉ ଏସ୍‌ଡିପିଓ କୋଠାକେ ଆଭାସୀ ଜରିଏ ଉଦ୍‌ଘାଟନ କରିଛନ୍ । ୫୩ କୋଟି ନୁ ଅଏତ୍‌କା ଟଙ୍କାର ବିନିଯୋଗଥି ହେଇଥିବା ଇ ପ୍ରକଳ୍ପ ନିରାପଦ ଆଉ ନାଗରିକ କୈନ୍ଦ୍ରିକ ଦିଗେ ଗୁଟେ ବଳିଷ୍ଠ ପଦକ୍ଷେପ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍ ଯେ, ଇ ଭିତିଭୂମି, ବୈଷୟିକ ସୁବିଧାଥି ରାଜ୍ୟ ପୁଲିସ ଅଏତ୍‌କା ବୃତିଗତ ଦକ୍ଷତା ନେଇ କରି ଲୁକ୍‌କୁ ସେବା ଯୁଗେଇ ଦେବା ।

ସୋନପୁର ଟ୍ରେନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କେ ଦୁହି ଆଡୁ ସୋନପୁର ତକ୍ ସଂପ୍ରସାରଣ

କରାଯାଇଛେ । ଆଏଜ୍ ଦିନର୍ ୧ ବଜେ ଇଂଟରସିଟି ଏକ୍ସପ୍ରେସ୍ ସୋନପୁର ନୁ ଯାତ୍ରା ମୂଲ୍ କରି ରାତିର୍ ୯ ଟା ୪୫ ମିନିଟ୍‌ଥି ଭୁବନେଶ୍ୱର ନ ପହଁଚିବା । ସେନ୍‌ତା ଆଏବା କାଏଲ୍ ଭୁବନେଶ୍ୱରନୁ ଇ ଟ୍ରେନ୍ ସୋନପୁରକେ ଆସ୍‌ବା ।

ସୂଚନା ଅନ୍‌ସାରେ ଭୁବନେଶ୍ୱର ଆର୍ ବଲାଙ୍ଗିର ଭିତ୍‌ରେ ଇ ଟ୍ରେନ୍‌ର ରହେବାର୍ ସମିଆ ନାଇଁ ବଦ୍‌ଲି । ବଲାଙ୍ଗିର ଆର୍ ସୋନପୁର ଭିତ୍‌ରେ ଇ ଟ୍ରେନ୍ ବିଛୁପାଲି, ଝାରତରଭା, ନରସିଂହଗଡ଼ ଷ୍ଟେସନ ନ ରହେବା ବଲି ପୂର୍ବତଟ ରେଲବାଇ ତରଫୁ କୁହାଯାଇଛେ ।

ଫାଇଟୋ ସାନିଟାରୀ ପ୍ରମାଣପତ୍ର ଆର୍‌ଏନ୍‌ୟୁ / କ

ରାଜ୍ୟ ନ କୃଷି ଆଉ ଉଦ୍ଭିଦଜାତ ଦ୍ରବ୍ୟ ଫଲ ପନିପରିବା ବିଦେଶକେ ରପ୍ତାନୀ କର୍‌ବାର୍‌କେ କୃଷି ଆଉ କୃଷକ ସଶକ୍ତିକରଣ ବିଭାଗ ଆଉ କୃଷି ଆର୍ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ତରଫୁ ବ୍ୟବସ୍ଥା କରାଯାଇଛେ । ଆମ୍‌ଦାନୀ ଆବଶ୍ୟକତା ଅନ୍‌ସାରେ କୀଟମୁକ୍ତ କୃଷି ଜାତ ଦ୍ରବ୍ୟର ବାଣିଜ୍ୟକେ ଅଏତ୍‌କା ସହଜ୍ କର୍‌ବାର୍ ଲାଗି ଫାଇଟୋ ସାନିଟାରୀ ପ୍ରମାଣପତ୍ର ବ୍ୟବସ୍ଥା କର୍‌ବାର୍ ଲାଗି ପଦକ୍ଷେପ

ନିଆଯାଉଛେ । ସେନ୍ତା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ତର୍ଫୁ ବିଦେଶକେ ରପ୍ତାନୀ ହେଉଥିବା ଉଦ୍ୟାନ କୃଷି, ପରୀକ୍ଷଣ, ଯାଂଚ୍ ଆଉ ଆବଶ୍ୟକ ବିଶୋଧନ ପରୀକ୍ଷା ବାବ୍ଦ ଜ୍ଞାନ କୌଶଳ ଜାନ୍‌ବାର୍ ଲାଗି ଅଧିକାରୀମାନେ ତାଲିମ୍ ନେଉଛନ୍ ।

ଦେବଗଡ଼/ ନିର୍ବାଚନ ତାଲିମ୍ ଦେବଗଡ଼ / ସମ୍ବାଦଦାତା

ଦେବଗଡ଼ ଜିଲ୍ଲାପାଳଙ୍କର ସମ୍ମିଳନୀ କକ୍ଷ ନ ଗଲା କାଏଲ୍ ପ୍ରାର୍ଥୀମାନ୍‌କର ଖର୍ଚ୍ଚା ତଦାରଖ୍ ବାବ୍‌ଦେ ଦିନ୍‌କିଆ ତାଲିମ୍ ଶିବିର ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ତାଲିମ୍ ଶିବିରଥି ଅଧ୍ୟକ୍ଷତା କରି କରି ନିର୍ବାଚନକେ ସ୍ୱଚ୍ଛ, ଅବାଧ ଆଉ ଶାନ୍ତିପୂର୍ଣ୍ଣ ପରିଚାଳନା କର୍‌ବାର୍ ପ୍ରଶାସନିକ ଆଉ ପୁଲିସ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ । ନିର୍ବାଚନ ଆଚରଣବିଧି ଉତାରୁ ବେଆଇନ ଅର୍ଥକାର୍‌ବାର୍‌କେ ରୁକ୍‌ବାର୍ ଲାଗି ଶିବିରଥି ତାଲିମ୍ ଦିଆଯାଇଥିଲା ।

ଦେବଗଡ଼/ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ

ଦେବଗଡ଼ / ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ତମାଖୁ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ ହେଇଯାଇଛେ । ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ରଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ନ ତମାଖୁ ନିୟନ୍ତ୍ରଣ କର୍‌ବାର୍ ଲାଗି ନିଆଯାଇଥିବା ପଦକ୍ଷେପ ବାବ୍‌ଦେ ଆଲୋଚନା କରାଯାଇଥିଲା । ଶିକ୍ଷାନୁଷ୍ଠାନ ପାଖେ ଦୁକାନମାନ୍‌କୁ ଯେନ୍‌ତା ତମାଖୁ ବିକ୍ରି ନାଇଁ ହୁଏ ସେ ବାବ୍‌ଦେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାର୍‌କେ ଡାକ୍ତର ମିଶ୍ର ପରାମର୍ଶ ଦେଇଥିଲେ ।